# ସବୁଠି ମା'ଙ୍କ ଆରାଧନା



ପୁରୀ: ବଡ଼ଶଙ୍ଖ ଦୁର୍ଗାପୂଜା ମଣ୍ଡପ ।



ଇଷ୍ଟକୋଷ୍ଟ ରେଲୱେ ପୂଜାମଣ୍ଡପ ।



ଷ୍ଟେଶନ ରୋଡସ୍ଥିତ ମା' ଆଦିଶକ୍ତି ପୂଜାମଣ୍ଡପ ।



ବଡ଼ଦାଣ୍ଡ ଦୁର୍ଗାପୂଜା ମଣ୍ଡପ, ମାର୍କେଟ ଛକ ।



ପିପିଲି ରୂପଦେଈପୁର ବଜାର ପୂଜା କମିଟି ।



ସାତଶଙ୍ଖ ବଜାର ପୂଜା କମିଟି ।



ନୟାହାଟ ଦୁର୍ଗାପୂଜା କମିଟି ।



ଅସ୍ତରଙ୍ଗ ଦୁର୍ଗା କ୍ଲବ ।



ଗୋପ ନାଗପୁର ବଜାରରେ ପୂଜା ପାଉଥିବା ଦେବୀ ।



ପିପିଲି ବଜାର ପୂଜା କମିଟି ।



ବଳଙ୍ଗା ବଜାର ପୂଜା କମିଟି ।

## ଚଣ୍ଡିପାଠରେ ମୁଖରିତ ଦେବୀପୀଠ

ପିପିଲି,୧୧।୧୦(ଦୁର୍ଗା ମାଧବ ମିଶ୍ର)

ପିପିଲି ନିକଟବର୍ତ୍ତୀ ଦାଣ୍ଡମୁକୁନ୍ଦପୁର ଗ୍ରାମସ୍ଥିତ ମା' ବଗଳା ଦେବୀଙ୍କ ପୀଠରେ ଚାଲିଛି ନବଦିନାତ୍ମକ ଶାରଦୀୟ ପାର୍ବଣ ଉତ୍ସବ। ଏଥିପାଇଁ ସମଗ୍ର ଅଞ୍ଚଳ ଏବେ ଉତ୍ସବମୁଖର ହୋଇଉଠିଛି। ଦାଣ୍ଡମୁକୁନ୍ଦପୁର ଓ ଏହାର ଆଖପାଖ ଅଞ୍ଚଳର ଅନନ୍ୟ ଶକ୍ତିପୀଠ ଭାବେ ପରିଚିତ। ଏହି ଦେବୀପୀଠ ଏବେ ଚଣ୍ଡିପାଠରେ ମୁଖରିତ ହେଉଥିବା ବେଳେ ମନସ୍କାମନା ପୂରଣ ପାଇଁ ପ୍ରତ୍ୟହ ସନ୍ଧ୍ୟାରେ ମାନସିକଧାରୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କର ଏଠାରେ ବେଶ୍ ଭିଡ଼ ପରିଲକ୍ଷିତ ହେଉଛି।

### ମା' ବଗଳାଦେବୀଙ୍କ ପୀଠରେ ପାର୍ବଣ ପୂଜା

ମା' ବଗଳା ଦେବୀଙ୍କ ନବଦିନାତ୍ମକ ପାର୍ବଣ ଉତ୍ସବ ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ଠାରୁ ପୀଠର ମୁଖ୍ୟପଣ୍ଡିତ ଦେବାଶିଷ ନନ୍ଦଙ୍କ ତତ୍ତ୍ୱାବଧାନରେ ୧୫ଜଣ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ନିର୍ବାହ ହେଉଅଛି। ଦାଣ୍ଡମୁକୁନ୍ଦପୁରସ୍ଥିତ ଭକ୍ତ ସାଲବେଗଙ୍କ ପୀଠ ନିକଟରେ ଥିବା ଏହି ପ୍ରସିଦ୍ଧ ଶକ୍ତିପୀଠରେ ନବଦିନାତ୍ମକ ପୂଜା ଉତ୍ସବ ସମୟରେ ୯ଟି ବୋଧନ ଦ୍ରବ୍ୟରେ ଠାକୁରାଣୀ ସଂସ୍କାର ହୋଇଥାନ୍ତି। ଏହି ପୀଠରେ ପିତାମ୍ବରୀ ତନ୍ତ୍ର ବିଧାନରେ ଉତ୍କଳୀୟ ପଦ୍ଧତିରେ ମା' ବଗଳା ଦେବୀଙ୍କର ନିତ୍ୟ ପୂଜା, ମଙ୍ଗଳ ଆଳତି, ସୂର୍ଯ୍ୟପୂଜା, ପଞ୍ଚସ୍ନାନ, ବୋଧନ, ବେଶ, ବଲ୍ଲଭ, ଚଣ୍ଡିପାଠ, ମଧ୍ୟାହ୍ନଧୂପ, ଷୋଡ଼ଶ ଉପଚାର ପୂଜା ଓ ପହୁଡ଼ ପରେ ସପ୍ତସତୀ ଚଣ୍ଡିପାଠ, ସନ୍ଧ୍ୟା ଆଳତି, ଷୋଡଶ ଉପଚାର ପୂଜା, ଜପ, ହୋମ, ବଳିଦାନ, ଅପରାଧ କ୍ଷମା ଓ ବଡ଼ସିଂହାର ବେଶ ପରେ ପହୁଡ଼ ନୀତି ସମାପନ ହୋଇଥାଏ। ଷଷ୍ଠୀଠାରୁ ୫ଦିନ ମନ୍ଦିର ପରିସରରେ ବହୁସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଠାକୁରାଣୀଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥାନ୍ତି। ବିଜୟାଦଶମୀ ରାତିରେ ସମସ୍ତ ଭକ୍ତଙ୍କ ପାଇଁ ମନ୍ଦିର ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥାଏ।

## ମହାଗୌରୀ ବେଶରେ ଦର୍ଶନ ଦେଲେ ମା'

ବଳଙ୍ଗା,୧୧।୧୦(କେଦାରେଶ୍ୱର ନନ୍ଦ)

ଚଳିତ ଶାରଦୀୟ ଦୁର୍ଗାପୂଜା ବଳଙ୍ଗା ଅଞ୍ଚଳରେ ଧୁମ୍‌ଧାମ୍‌ରେ ପାଳିତ ହେଉଛି। ଗୁରୁବାର ପୀଠେ ସପ୍ତମୀ ଅବସରରେ ଭକ୍ତଙ୍କୁ ପୂଜା ମଣ୍ଡପରେ ମା' ଦୁର୍ଗା କାଳରାତ୍ରି ଏବଂ ଶୁକ୍ରବାର ଅଷ୍ଟମୀରେ ମହାଗୌରୀ ବେଶରେ ଦର୍ଶନ ଦେଇଛନ୍ତି। ବଳଙ୍ଗା ଅଞ୍ଚଳର ରୂପଦେଇପୁର, କେତକୀପାଟଣା, ଗୁଆଳୀ ଗୋରଡ଼ା ପ୍ରଭୃତି ମଣ୍ଡପରେ ମା' ପୂଜା ପାଉଛନ୍ତି। ପୂଜା କମିଟି ପକ୍ଷରୁ ମଣ୍ଡପଗୁଡ଼ିକୁ ବିଭିନ୍ନ ପ୍ରକାର ତୋରଣରେ ସଜ୍ଜିତ କରାଯାଇଛି। ଗହଳି ଦୃଷ୍ଟିରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

## 'ଭାବକୁ ନିକଟ' ଆଧ୍ୟାତ୍ମିକ ପତ୍ରିକା ଲୋକାର୍ପିତ

ପିପିଲି,୧୧।୧୦(ପ୍ରଭାତ କୁମାର ମହାପାତ୍ର)





ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପୁରୀ ଜିଲ୍ଲାର ବାଲିଗାଁଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାର୍ଶ୍ୱ ମନ୍ଦିରରେ ମା' ବିମଳାଙ୍କର ତ୍ରୟୋଦିବସୀୟ ଚଣ୍ଡୀପାଠର ଅଷ୍ଟମୀ ତିଥିରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ସର୍ବଦେଷ୍ଟା ଦେବୀଦେବ ଆବାହନ, ମା'ଙ୍କ ଚଣ୍ଡୀପାଠ, ପୁଷ୍ପାଞ୍ଜଳି ଆଦି ନିର୍ଦ୍ଧାରିତ ନୀତିକାନ୍ତିରେ ସୁଚାରୁରୂପେ ବେଦାଚାର୍ଯ୍ୟ ରମେଶ ଚନ୍ଦ୍ର ମହାପାତ୍ର, ଲିଙ୍ଗରାଜ ପଣ୍ଡା, ପ୍ରସନ୍ନ କୁମାର ପଣ୍ଡାଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ବେଳେ ମୁଖ୍ୟକର୍ତ୍ତା ଭାବେ ଆଇନଜୀବୀ ସରୋଜ କୁମାର ସାହୁ ଏବଂ ତାଙ୍କ ସହଧର୍ମିଣୀ ସବିତା ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ। ଭକ୍ତ ଦାସିଆ ସ୍ମୃତି କମିଟିର ଏହି ପବିତ୍ର ଦୁର୍ଗାପୂଜା ଅବସରରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମାସିକ ସମୀକ୍ଷା ବୈଠକରେ କୁମାର ପୂର୍ଣ୍ଣିମାରେ ମା' ଲକ୍ଷ୍ମୀଙ୍କ ପୂଜା କାର୍ତ୍ତିକମାସ ବ୍ୟାପୀ ପୀଠରେ ପ୍ରାତଃ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ ସହ ଶୁକ୍ଲ ବଡ଼ ଏକାଦଶୀ ତିଥିରେ ଭକ୍ତ ଦାସିଆଙ୍କ ଜୟନ୍ତୀ ଉତ୍ସବ ସମ୍ପର୍କରେ ବିଶଦ୍ ଆଲୋଚନା କରାଯାଇଥିଲା। ପରେ ତ୍ରୟୋମାସିକ ଆଧ୍ୟାତ୍ମିକ ପତ୍ରିକା ଭାବକୁ ନିକଟର ୯ମ ବର୍ଷର ୩ୟ ସଂସ୍କରଣ ଲୋକାର୍ପିତ ହୋଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ, ବରିଷ୍ଠ ଟ୍ରଷ୍ଟି ଅର୍ଜୁନ ଚରଣ ସାମଲ, ବିଶିଷ୍ଟ ସମାଜସେବୀ ଲାବଣ୍ୟ ଶବର, ଶିକ୍ଷାବିତ୍ ଡ. ଚିତ୍ତରଞ୍ଜନ ମିଶ୍ର, ଦାର୍ଶନିକ ବୃନ୍ଦାବନ ମହାପାତ୍ର, ମନୋରଞ୍ଜନ ମହାନ୍ତି, ଅଜୟ ଦାସ, ଚିତ୍ତରଞ୍ଜନ ସେନାପତି, ସ୍ୱୟଂ ପ୍ରକାଶ ପରିଡ଼ା, ରମେଶ ଚନ୍ଦ୍ର ପ୍ରଧାନ, ଶିବ ପ୍ରସାଦ ସ୍ୱାଇଁ, ସନାତନ ବିଶ୍ୱାଳ, ପ୍ରତାପ ଚନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼

ଅସ୍ତରଙ୍ଗ,୧୧।୧୦
(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପୂଜା ମଣ୍ଡପରେ ମହାଷ୍ଟମୀ ପୂଜା ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଅସ୍ତରଙ୍ଗ ଦୁର୍ଗା କ୍ଲବ ତରଫରୁ ଚଳିତ ବର୍ଷ ୫୬ତମ ଦୁର୍ଗାପୂଜା ଅନୁଷ୍ଠିତ ହେଉଥିବା ବେଳେ ମଣ୍ଡପରେ ମା'ଙ୍କ ଆଶିଷ ପାଇଁ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଓମ୍‌କାର ପ୍ରଣବ ଧ୍ୱନିରେ ମୁଖରିତ ପୁରପଲ୍ଲୀ। ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ଆବାହନୀ ମନ୍ତ୍ରରେ ସମଗ୍ର ପରିବେଶ ଉତ୍ସବମୁଖର। ମହାଷ୍ଟମୀ ଅବସରରେ ଦୁର୍ଗାଙ୍କ ନିକଟରେ ପୂଜକ ପଣ୍ଡିତ ମଙ୍ଗରାଜ କର, ତପନ କୁମାର ମିଶ୍ର, ବିଶ୍ୱଜିତ୍ ମିଶ୍ର ଓ ବିଭୂତି ଭୂଷଣ ମିଶ୍ର ପୂଜାର୍ଚ୍ଚନା କରୁଛନ୍ତି। ମଣ୍ଡପରେ ମହାଷ୍ଟମୀ ଅବସରରେ ମହାଷ୍ଟମୀ ପୂଜା ଦେଖିବା ସହ ମା' ଦୁର୍ଗାଙ୍କୁ ଦର୍ଶନ କରିବା ସହ ମୀନା ବଜାର ମଜାନେବା ପାଇଁ ମଣ୍ଡପ ନିକଟରେ ବେଶ୍ ଭିଡ଼ ପରିଲକ୍ଷିତ ହୋଇଥିଲା।

## ନୟାହାଟରେ ୪୫ତମ ଶାରଦୀୟ ପୂଜା

ଯୋଗେଶ୍ୱରପୁର,୧୧।୧୦
(ରଶ୍ମି ରଞ୍ଜନ ସାହୁ)

ଗୋପ ବ୍ଲକ ଅନ୍ତର୍ଗତ ନୟାହାଟଠାରେ ଦୀର୍ଘ ୪୫ ବର୍ଷ ହେଲା ଶାରଦୀୟ ଦୁର୍ଗାପୂଜା ମହାଆଡ଼ମ୍ବରରେ ପାଳିତ ହୋଇଆସୁଅଛି। ମା'ଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କ ଭିଡ଼ ଜମିଥିବା ବେଳେ ନୟାହାଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଉକ୍ତ ପୂଜା ନୟାହାଟ ବ୍ୟବସାୟୀ ସଂଘ, ପାନ ଚାଷୀ, ସାଧାରଣ ଜନତାଙ୍କ ସହଯୋଗରେ ୪ଦିନ ଧରି ଅନୁଷ୍ଠିତ ହେଉଛି। ଏହି ଚାରିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା, ମେଲୋଡି, ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅନୁଷ୍ଠାନର ବରିଷ୍ଠ ସଭ୍ୟ ସୁରେନ୍ଦ୍ର ମୋହନ ବିଟି କହିଛନ୍ତି, ଶାରଦୀୟ ପୂଜା ପାଇଁ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ ପାଇଁ ଫାଣ୍ଡି ଅଧିକାରୀ ଅଶୋକ ବେହେରା କୁଣ୍ଢେଇ କେନାଲ ବନ୍ଧରେ ବାଇପାସ ରାସ୍ତା ଦେଇ ଯୋଗେଶ୍ୱରପୁରଠାରେ ବାହାରିବା ପାଇଁ ବ୍ୟବସ୍ଥା କରାଯାଇଛି।



## ବାଙ୍କୀମୁହାଣ ରାମଚଣ୍ଡୀ ପୀଠରେ ରହିଛି ସ୍ୱତନ୍ତ୍ରତା

ପୁରୀ,୧୧।୧୦(ଅଜିତ୍ କୁମାର ମହାନ୍ତି)

ଆଶ୍ୱିନ ମାସ କୃଷ୍ଣପକ୍ଷ ପବିତ୍ର ମୂଳାଷ୍ଟମୀଠାରୁ ଶ୍ରୀକ୍ଷେତ୍ରର ବିଭିନ୍ନ ଦେବୀପୀଠରେ ଷୋଳପୂଜା ଆରମ୍ଭ ହୋଇଥାଏ। ଶ୍ରୀକ୍ଷେତ୍ରର ବିଭିନ୍ନ ଦେବୀପୀଠଗୁଡ଼ିକ ମଧ୍ୟରେ ବାଙ୍କୀମୁହାଣ ରାମଚଣ୍ଡୀ ସାହିରେ ଅବସ୍ଥାନ କରିଥିବା ମା' ରାମଚଣ୍ଡୀ ଅନ୍ୟତମ। ମୂଳାଷ୍ଟମୀଠାରୁ ଦଶମୀ ପର୍ଯ୍ୟନ୍ତ ମା'ଙ୍କ ଷୋଳପୂଜା ଅନୁଷ୍ଠିତ ହୋଇଥାଏ। କେଉଁ ଆବହମାନ କାଳରୁ ମା' ଏଠାରେ ପୂଜା ପାଇ ଆସୁଛନ୍ତି। ମା' ରାମଚଣ୍ଡୀ ହେଉଛନ୍ତି ପରମ ବୈଷ୍ଣବୀ।

ମନ୍ଦିର ମୁଖଶାଳା ଉପରେ ୧୦ ଦେବୀ ଶୋଭା ପାଉଥିବା ବେଳେ ହାତୀ ଉପରେ ସିଂହ ଓ ଦ୍ୱାରପାଳ ଭାବେ ଗଣେଶ, କାର୍ତ୍ତିକ, ବ୍ୟାଘ୍ର ମୁଖୀ, ସିଂହ ମୁଖୀ, ଗଙ୍ଗା ଯମୁନା ମୂର୍ତ୍ତି ଶୋଭା ପାଉଛନ୍ତି। ପ୍ରତିଦିନ ଭୋରୁ ମା'ଙ୍କ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ଅବକାଶ, ମହାସ୍ନାନ, ସକାଳ ବେଶ, ବାଳଭୋଗ, ସକାଳ ଧୂପ, ଦ୍ୱିପ୍ରହର ଧୂପ, ସନ୍ଧ୍ୟା ଆଳତି, ସନ୍ଧ୍ୟା ବେଶ, ସନ୍ଧ୍ୟା ଧୂପ ଓ ରାତ୍ର ପହୁଡ଼ କରାଯାଏ। ମା'ଙ୍କ ନିକଟରେ ବିଭିନ୍ନ ପୂଜାପର୍ବାଣିଗୁଡ଼ିକରେ ଭକ୍ତମାନଙ୍କ ସୁଅ ଛୁଟୁଥିବା ଦେଖିବାକୁ ମିଳିଥାଏ। ଷୋଳପୂଜା ଅବସରରେ ଦେବୀପୀଠ ଗୁଡ଼ିକରେ ବିଶେଷ ପୂଜା ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ମା'ଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଏ।

ମା'ଙ୍କ ପୂଜକଙ୍କ କହିବା ଅନୁଯାୟୀ, ଆଶ୍ୱିନ ମାସର ମୂଳାଷ୍ଟମୀ ତଥା ଦ୍ୱିତୀୟ ଓଷାଠାରୁ ମା'ଙ୍କର ଷୋଡ଼ଦିନାତ୍ମକ ପୂଜା ଅନୁଷ୍ଠିତ ହୋଇଥାଏ। ମା'ଙ୍କ ନିକଟରେ ସହସ୍ର କୁମ୍ଭ ବରଣ କରାଯିବା ପରେ ଷୋଡ଼ଦିନାତ୍ମକ ପୂଜା ଆରମ୍ଭ ହୋଇଥାଏ। ଏହି ଷୋଳ ପୂଜାର ପ୍ରତ୍ୟେକ ଦିନ ମା'ଙ୍କ ନିକଟରେ ୨ଥର ଷୋଡ଼ଶ ପ୍ରକାର ପୂଜା ଓ ୨ଥର ପଞ୍ଚପ୍ରକାର ପୂଜା ଅନୁଷ୍ଠିତ ହୋଇଥାଏ। ମା'ଙ୍କୁ ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ବିଭିନ୍ନ ବେଶରେ ସଜ୍ଜିତ କରାଯାଇଥାଏ। ମୂଳାଷ୍ଟମୀଠାରୁ ମା'ଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହୋଇଥିବା ବେଳେ ଆଶ୍ୱିନ ଅମାବାସ୍ୟାଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଥାଏ। ଯାହାକୁ ନବ ପତ୍ରିକା ପୂଜା ବୋଲି କୁହାଯାଇଥାଏ। ମା'ଙ୍କୁ ନବପତ୍ରିକା ବରଣ କରାଯାଇ ନବଦିନାତ୍ମକ ପୂଜାରେ ବସାଯାଏ। ସେହିପରି ଷଷ୍ଠୀ ତିଥିରୁ ବିଲ୍ୱବରଣ ହୋଇ ମା'ଙ୍କ ତିନି ପୂଜା ଆରମ୍ଭ ହୋଇଥାଏ। ସପ୍ତମୀ ଆୟୁଦ୍ଧ ପୂଜା ସହ ବିଶେଷ ପୂଜା ଅନୁଷ୍ଠିତ ହୁଏ। ଅଷ୍ଟମୀ ତିଥିରେ ମା'ଙ୍କ ନିକଟରେ ଆମିଷ ଭୋଗ ଅନୁଷ୍ଠିତ ହୋଇଥାଏ। ଯାହା ବର୍ଷକ ଏହି ଗୋଟିଏ ଦିନ ମା'ଙ୍କ ନିକଟରେ ଆମିଷ ଭୋଗ ହୋଇଥାଏ। ସେହିପରି ଏହିଦିନ ମା' ମହିଷାମର୍ଦ୍ଦିନୀ ବେଶରେ ସଜ୍ଜିତ ହୋଇଥାନ୍ତି। ଅପରପକ୍ଷରେ ଅଷ୍ଟମୀ ଏବଂ ନବମୀରେ ମା'ଙ୍କ ସନ୍ଧି ପୂଜା ଅନୁଷ୍ଠିତ ହୋଇଥାଏ। ଏହି ଦିନ ମା'ଙ୍କ ନିକଟରେ ପାଣି କଖାରୁ ବଳି ପଡ଼ିଥାଏ। ମା'ଙ୍କୁ ୧୦୮ ପଦ୍ମ ଲାଗି କରାଯିବା ସହ ୧୦୮ ବଳିତାରେ ଆଳତି କରାଯାଏ। ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥାଏ। ପରେ ନବମୀ ପୂଜା ଆରମ୍ଭ ହୋଇଥାଏ। ମା'ଙ୍କ ପ୍ରତିମୂର୍ତ୍ତି ପାଷାଣରେ ନିର୍ମିତ ହୋଇଥିବା ବେଳେ ମା' ଷଡ଼ଭୂଜା ବିଶିଷ୍ଟା। ମା'ଙ୍କ ଦର୍ଶନ ପାଇଁ ମନ୍ଦିରରେ ବହୁଭକ୍ତଙ୍କ ଭିଡ଼ ଜମିଥାଏ।

## ସଂକ୍ଷେପରେ

### ଜଙ୍ଗଲରୁ ଗଛ କାଟି ନେଇଥିବା ଅଭିଯୋଗ

**ଟାଙ୍ଗୀ,୧୧।୧୦(ରଘୁନାଥ ସାହୁ):** ଟାଙ୍ଗୀ ବନାଞ୍ଚଳ ବିଭାଗର ଜଣେ ଦିନମଜୁରିଆ ନର୍ସରୀ ଦାୟିତ୍ୱରେ ଥିବା ବେଳେ ଜଙ୍ଗଲରୁ ଆକାଶିଆ ଗଛକାଟି ଘର କାମରେ ଲଗାଉଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ସମ୍ପୃକ୍ତ କର୍ମଚାରୀ ଜଣଙ୍କ ନର୍ସରୀ ଦାୟିତ୍ୱରେ ଥିବା ବେଳେ ଜଙ୍ଗଲରୁ ଆକାଶିଆ ଗଛକାଟି ନେଇ ଘର ନିର୍ମାଣ କରୁଥିଲେ। ଖବରପାଇ ଜଙ୍ଗଲ ସୁରକ୍ଷା କମିଟି ସଭାପତି ସୁନୀଲ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ସମ୍ପର୍କରେ ପଚାରିବାରୁ ନର୍ସରୀ ମଧ୍ୟରେ ଥିବା ଗଛ କାଟିଥିବା ନେଇ ସମ୍ପୃକ୍ତ କର୍ମଚାରୀଜଣଙ୍କ ସଫେଇ ଦେଇଥିଲେ। ଏନେଇ ଜଙ୍ଗଲ ସୁରକ୍ଷା କମିଟି ସଭାପତି ମହାନ୍ତି ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇଙ୍କ ନିକଟରେ ଅଭିଯୋଗ କରିଛନ୍ତି। ନର୍ସରୀ ଓ ଜଙ୍ଗଲ ନିକଟରେ ସମ୍ପୃକ୍ତ କର୍ମଚାରୀଙ୍କ ଘର ଥିବାରୁ ବେଆଇନଭାବେ ଏଭଳି କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ରେଞ୍ଜର ଦେବାଶିଷ ଭୋଇ କହିଛନ୍ତି, ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ନୂତନ ସଭାଗୃହ ପ୍ରତିଷ୍ଠା ଉତ୍ସବ

**ବୋଲଗଡ଼,୧୧।୧୦(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ସ୍ଥିତ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ରାଜସୁନାଖଲାସ୍ଥିତ ତ୍ରିନାଥ ବଜାରଠାରେ ନୂତନ ସଭାଗୃହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ତ୍ରିନାଥ ବଜାରର ନୂତନ ସଭାଗୃହ ପ୍ରତିଷ୍ଠା ହୋଇଯାଇଛି। ସଭାଗୃହ ପାଇଁ ବଜାର କମିଟିର ସଭ୍ୟ ବିଜୟ କୁମାର ସାହୁ ସ୍ୱେଚ୍ଛାକୃତ ଭାବେ ଜାଗା ଦାନ କରିଥିବାରୁ ବଜାର କମିଟି ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଥିଲା। ଫଳରେ ବଜାର ବଣିକ ସଂଘର ଆୟୋଜନରେ ସଭାଗୃହ ନିର୍ମାଣ କରାଯାଇଛି। ସଭାପତିଭାବେ ସୁନୀଲ କୁମାର ବେହେରା, ଉପସଭାପତି ବିରୂପାକ୍ଷ ମହାପାତ୍ର, ସମ୍ପାଦକ ନିରଞ୍ଜନ ପ୍ରଧାନ, କୋଷାଧ୍ୟକ୍ଷ ବେଣୁଧର ସ୍ୱାଇଁଙ୍କ ସମେତ ଅନ୍ୟ ପଦପଦବୀ ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ମା'ଶ୍ୟାମକାଳୀଙ୍କ ପୂଜା ଉତ୍ସବ ପାଇଁ ପ୍ରସ୍ତୁତି କାର୍ଯ୍ୟକ୍ରମ ହୋଇଥିବା ଦେଖିବାକୁ ମିଳିଥିଲା।

### ଅନ୍ତେବାସୀଙ୍କୁ ସାମଗ୍ରୀ ପ୍ରଦାନ

**ବୋଲଗଡ଼,୧୧।୧୦(ଦେବବ୍ରତ ହୋତା):** ନୟାଗଡ଼ ଜିଲା ମାନବାଧିକାର କମିଟି ସଦସ୍ୟ ତଥା ସାମାଜିକ କର୍ମୀ ରବି ଦୋରା ଶୁକ୍ରବାର ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ହାଟବସ୍ତ ସ୍ଥିତ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ କମ୍ବଳ, ଫଳ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରିଛନ୍ତି। ଏହି ବୃଦ୍ଧାଶ୍ରମ ସାଗରଗୁଆଁସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଲ୍ଲା ଦ୍ୱାରା ପରିଚାଳିତ ହେଉଥିବା ବେଳେ ପ୍ରାୟ ୨୭ଜଣ ଅନ୍ତେବାସୀ ରହିଛନ୍ତି। ଏହି ବଣ୍ଟନ କାର୍ଯ୍ୟକ୍ରମରେ ଅଲ୍ଲା ଅନୁଷ୍ଠାନର ସମ୍ପାଦକ ବ୍ରହ୍ମଚାରୀ ରାୟଙ୍କ ନିର୍ଦ୍ଦେଶକ୍ରମେ ସଂସ୍ଥା ପରିଚାଳନା ମୁଖ୍ୟ ରାଜକିଶୋର ରାୟ ଏବଂ ବୃଦ୍ଧାଶ୍ରମର ମୁଖ୍ୟ ପରିଚାଳକ ସୁରେଶ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ତ୍ରଧ୍ୱନିରେ କମ୍ପୁଛି ମଣ୍ଡପ, ପୀଠ

**ଖୋର୍ଦ୍ଧା/ ବେଗୁନିଆ,୧୧।୧୦**
**(ପ୍ରଭାତ ପାଣିଗ୍ରାହୀ/ ସନ୍ଧ୍ୟାରାଣୀ ମିଶ୍ର)**

ଶାରଦୀୟ ପୂଜା ପାଇଁ ଗାଁଠୁ ସହର ଉତ୍ସବମୁଖର। ମନ୍ତ୍ରଧ୍ୱନିରେ କମ୍ପୁଛି ମଣ୍ଡପ ଏବଂ ପୀଠ। ଶୁକ୍ରବାର ଖୋର୍ଦ୍ଧା ଜିଲାର ପ୍ରମୁଖ ପ୍ରସିଦ୍ଧ ଶକ୍ତିପୀଠ ବାଟ ଭୁଆଶୁଣୀ, ବରୁଣେଇ ପୀଠ, ଗଡମାଣ୍ଡିତ୍ରୀର ମା'ରାମଚଣ୍ଡୀ, ମୂଳିଝରଗଡ଼ସ୍ଥିତ ମା'ଉଗ୍ରତାରା ଏବଂ ବାଣପୁରର ମା'ଭଗବତୀଙ୍କ ପୀଠରେ ପରମ୍ପରା ଅନୁଯାୟୀ ମହାନବମୀ ପାଳିତ ହୋଇଥିବା ବେଳେ ପୂଜାମଣ୍ଡପରେ ମହାଷ୍ଟମୀ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଶନିବାର ପୀଠଗୁଡ଼ିକରେ ପବିତ୍ର ଦଶହରା ଏବଂ ମଣ୍ଡପରେ ମହାନବମୀ ପାଳନ କରାଯିବ।

ଖୋର୍ଦ୍ଧା ସହରର ୯ ମଣ୍ଡପରେ ଚାଲିଛି ମା'ଦୁର୍ଗା ଏବଂ ହରପାର୍ବତୀଙ୍କ ପୂଜା। ମା'ଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଖୋର୍ଦ୍ଧା ସହର। ଚାରିଆଡେ ରହିଛି ଉତ୍ସାହର ମାହୋଲ। ପୂଜାମଣ୍ଡପରେ ଚାଲିଛି ମା'ଙ୍କ ପୂଜାର୍ଚ୍ଚନା। ଶୁକ୍ରବାର ସକାଳେ ବିଧି ଅନୁଯାୟୀ ମହାଷ୍ଟମୀ ପୂଜା



ଶ୍ରଦ୍ଧାଳୁମାନେ ପୂଜାମଣ୍ଡପ ବୁଲି ଦେଖୁଛନ୍ତି।

ହୋଇଥିଲା। ତେବେ ସନ୍ଧ୍ୟା ଆଳତି ଦର୍ଶନ ପାଇଁ ପୂଜାମଣ୍ଡପଗୁଡ଼ିକରେ ପ୍ରବଳ ଜନସମାଗମ ହୋଇଥିଲା। ପୂଜାମଣ୍ଡପଗୁଡିକରେ ମା'ଙ୍କ ଖେଚୁଡ଼ି, ସେରୁଆ ଅନ୍ନ, ଲଡୁ ବଣ୍ଟନ ହୋଇଥିଲା। ଚଳିତ ବର୍ଷ ପୂଜାମଣ୍ଡପଗୁଡିକ ପ୍ଲାଷ୍ଟିକ, ପଲିଥିନ ମୁକ୍ତ ରହିଥିବା ବେଳେ ସିସିଟିଭି ସର୍ଭିଲାନ୍ସରେ ରହିଛି। ମା'ଙ୍କ ଜୟଜୟକାର, ମନ୍ତ୍ରଧ୍ୱନି ସହ ରଙ୍ଗିନ ଆଲୋକମାଳାରେ ଝଲସୁଛି ସହର। ଆଇନଶୃଙ୍ଖଳା ଦୃଷ୍ଟିରୁ ସହରରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଟ୍ରାଫିକ ଓ ଭିଡ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସଦର ଏସ୍‌ଡିପିଓ ଅନିଲ ମହାନ୍ତି ସୂଚନା ଦେଇଛନ୍ତି। ଖୋର୍ଦ୍ଧାର ସର୍ବ ପୁରାତନ ପୂଜା କମିଟି ଖୋର୍ଦ୍ଧା କ୍ଲବରେ ୯୭ ତମ ପୂଜା ଆୟୋଜନ ହେଉଥିବା ବେଳେ କଣ୍ଟାବଜାର ପୂଜା ମା'ଦୁର୍ଗାବଣିକ ସଂଘ ପକ୍ଷରୁ ୫୩ତମ, ପୁରୁଣା ଦମକଳ ଛକ ଦୁର୍ଗାମାଧବ ପୂଜା କମିଟି ପକ୍ଷରୁ ୮୦ତମ ପୂଜା ଚାଲିଛି। ଇଗଲ କ୍ଲବ ପକ୍ଷରୁ ଶହେ ଫୁଟର ମହୀଶୂର ପ୍ୟାଲେସ ତୋରଣ ମୁଖ୍ୟ ଆକର୍ଷଣ ପାଲଟିଛି। ଭକ୍ତମାନେ ମା'ଙ୍କ ଦର୍ଶନ ସହ ତୋରଣ ସଦୃଶ ପ୍ୟାଲେସ ଆଗରେ ସେଲ୍‌ଫି ନେଉଛନ୍ତି। ଏଥିସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। ବଡ଼ିଜୋନ ପକ୍ଷରୁ ୨୦ତମ ରାବଣପୋଡି ଆୟୋଜନ ଅବସରରେ ଶୁକ୍ରବାର ଷ୍ଟାର ନାଇଟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ସେହିପରି ବେଗୁନିଆ ବ୍ଲକ ଅନ୍ତର୍ଗତ ବେଗୁନିଆ, ବାଘମାରୀ, ଡାଳତୋଳା, ସିକୋ, ହଜ୍, ପୋଡାଡିହ, କଣ୍ଟାବାଡ଼ ଆଦି ପୂଜା ମଣ୍ଡପରେ ମହାଅଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମଣ୍ଡପଗୁଡିକ ଆଲୋକମାଳାରେ ଝଲସୁଥିବା ବେଳେ ବେଗୁନିଆରେ ଜନସାଧାରଣଙ୍କ ପାଇଁ ଯାତ୍ରା ପରିବେଷଣ କରାଯାଉଛି। ଶୃଙ୍ଖଳିତ ଦର୍ଶନ ଉପରେ ପୂଜା କମିଟି ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।


ନିରାକାରପୁର କଲେଜ ଛକସ୍ଥିତ ମଣ୍ଡପରେ ପୂଜା ପାଉଥିବା ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।


ଝାଁଳା ଦଶହରା ପୂଜାକମିଟି ପକ୍ଷରୁ ପୂଜାପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।


ସିଦ୍ଧିଦାତ୍ରୀ ବେଶ: ମା' ଉଗ୍ରତାରା


ମା' ବନଦୁର୍ଗା


ମା' ଗୌରୀଦେବୀ

## ସିଦ୍ଧିଦାତ୍ରୀ ବେଶରେ ଦର୍ଶନଦେଲେ

**ଟାଙ୍ଗୀ/ନିରାକାରପୁର,୧୧।୧୦**
**(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ସାନରାଉତପଡ଼ା ପଞ୍ଚାୟତ ସ୍ଥିତ ମୂଳିଝରଗଡ଼ ହାତିଆଶୁଣି ପାହାଡ଼ ପାଦଦେଶରେ ଥିବା ମା'ଉଗ୍ରତାରା, ରାମେଶ୍ୱର ସ୍ଥିତ ମା' ବନଦୁର୍ଗା, ଡିଆ ପଞ୍ଚାୟତ ଭୋଇସାହି ଗ୍ରାମରେ ଥିବା ମା'ନାରାୟଣୀ ଏବଂ ଗୋଳବାଇ ପଞ୍ଚାୟତରେ ଥିବା ମା'ଭଗବତୀ ଶୁକ୍ରବାର ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା'ଙ୍କ ମଙ୍ଗଳଆଳତି, କଳସ ପୂଜା, ସୂର୍ଯ୍ୟପୂଜା, ପଞ୍ଚ ଦେବତା ପୂଜା ପରେ ମା'ଙ୍କ ଷୋଡ଼ଷ ଉପଚାରରେ ମଧ୍ୟାହ୍ନଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ତ୍ରିଦିବସୀୟ ମହାଯଜ୍ଞର ତୃତୀୟ ଦିବସରେ ଯଜ୍ଞ ମଣ୍ଡପରେ ଦେବଦେବୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ଦୁର୍ଗା ସପ୍ତଶତୀ ଚଣ୍ଡୀ ମହାଯଜ୍ଞ ହୋମ ଓ ପୂର୍ଣ୍ଣାହୁତି କରାଯାଇଥିଲା। ପରେ ସନ୍ଧ୍ୟାରେ ବାଳଭୋଗ, ଆଳତି, ଆଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ମା'ଙ୍କର ଏହି ଦିବ୍ୟଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସେହିପରି ଟାଙ୍ଗୀ ବ୍ଲକ ରତନପୁର ତେଲୁଗୁସାହି ଗ୍ରାମସ୍ଥିତ ମା'ଗୌରୀ ଦେବୀ ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଇଛନ୍ତି।

# 'କାହାଣୀ କାନ୍ଦୁଛି ଆଖି ଲୁଚେଇ' ନାଟକ ମଞ୍ଚସ୍ଥ

**ବୋଲଗଡ଼,୧୧।୧୦(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ମାଣିକାଗୋଡ଼ା ଗ୍ରାମରେ ମହାସପ୍ତମୀ ପର୍ବ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ମା' ମହିଷମର୍ଦ୍ଦିନୀ ମନ୍ଦିରରେ ସକାଳ ଧୂପ, ମାଧ୍ୟାହ୍ନଧୂପ, ମଙ୍ଗଳ ଆଳତି ଓ ଖେଚୁଡ଼ି ଭୋଗପରେ ମା'ଙ୍କର ଏକ ଗୁପ୍ତ ପୂଜା ହୋଇଥିଲା। ସନ୍ଧ୍ୟାରେ ଶତାଧିକ ଭକ୍ତ ମା'ଙ୍କ ଦିବ୍ୟ ଦର୍ଶନ କରିଥିଲେ। ମନ୍ଦିର ପୂଜକ ପ୍ରଫୁଲ୍ଲ ଦିହୁଡ଼ି ଓ ପ୍ରତାପ ଦିହୁଡ଼ି ସମସ୍ତ ସେବାନୀତି ସମ୍ପନ୍ନ କରିଥିବା ବେଳେ ବିରାଟ ପଟୁଆରରେ ମା'ଙ୍କର ପ୍ରତୀକ କଟାରିକୁ ବିଜୟ ଦିହୁଡ଼ି ଧରି ଭଗବତୀ ମନ୍ଦିରକୁ ଯାତ୍ରା କରିଥିଲେ। ଟ୍ରଷ୍ଟି ଅମୀୟ ପଟ୍ଟନାୟକଙ୍କ ସହଯୋଗରେ ଦଶହରା ପର୍ବର ଅୟମାରମ୍ଭ ଏହିଠାରୁ ଆରମ୍ଭ ହୋଇଥିଲା। ରାତିରେ ସାମାଜିକ ନାଟକ 'କାହାଣୀ କାନ୍ଦୁଛି ଆଖି ଲୁଚେଇ' ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ମିନିବ୍ୟାଙ୍କ ସମ୍ପାଦକ ବୀରଞ୍ଚି ପ୍ରଧାନ



**ମାଣିକାଗୋଡ଼ାରେ ମା'ମହିଷମର୍ଦ୍ଦିନୀଙ୍କ ସପ୍ତମୀ ଯାତ୍ରା**

ମଞ୍ଚ ପରିଚାଳନାରେ ମୁଖ୍ୟ ଅତିଥିଭାବେ ଯୁବନେତା ବ୍ରଜ ବନ୍ଧୁ ସୁବୁଦ୍ଧି ନାଟକ ମଞ୍ଚ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ସରପଞ୍ଚଙ୍କ ପ୍ରତିନିଧି ତ୍ରିନାଥ ସ୍ୱାଇଁ, ସମିତିସଭ୍ୟାଙ୍କ ପ୍ରତିନିଧି ଶରତ କୁମାର ଦଳାଇ, ଶିକ୍ଷାବିତ୍ ତଥା ଭାଜପା ଜିଲା ସମ୍ପାଦକ ଇଂ.କର୍ପୁର ସାହୁ, ପୂର୍ବତନ ସୈନିକ ଗୋଲଖ ସ୍ୱାଇଁ, ବଣିକ ସଂଘ ସଭାପତି ଭୀମସେନ ଦଳାଇ, ଅଧିବକ୍ତା ପୁରୁଷୋତ୍ତମ ସୁବୁଦ୍ଧି, ସୌମ୍ୟ ରଞ୍ଜନ ସୁବୁଦ୍ଧି, ପ୍ରଶାନ୍ତ କୁମାର ସ୍ୱାଇଁ, ବସନ୍ତ କୁମାର ସ୍ୱାଇଁ, ଶରତ ଚନ୍ଦ୍ର ପ୍ରଧାନ, ନାଟ୍ୟ ନିର୍ଦ୍ଦେଶକ ସୁବାଷ ଚନ୍ଦ୍ର ପ୍ରଧାନ, ନାଟ୍ୟ ସଂଯୋଜକ ମହେଶ୍ୱର ବିଶ୍ୱାଳ, ଶତ୍ରୁଘ୍ନ ସ୍ୱାଇଁ, ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସଭାପତି ଦିଗନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## 'ସୁରକ୍ଷା ମିଳିଲେ ନିର୍ଭୀକ ଖବର ପରିବେଷଣ ହୋଇପାରିବ'

**ବୋଲଗଡ଼,୧୧।୧୦(ଦେବବ୍ରତ ହୋତା)**

**ଭଏସ୍ ଅଫ୍ ମିଡିଆ ସଂଘ ପକ୍ଷରୁ ପରିଚୟପତ୍ର ପ୍ରଦାନ**

ବୋଲଗଡ଼ ବ୍ଲକରେ କାର୍ଯ୍ୟରତ ଖବରଦାତାଙ୍କୁ ନେଇ 'ଭଏସ ଅଫ ମିଡିଆ' ରାଜ୍ୟ ସଂଘ ପକ୍ଷରୁ ଏକ ବୈଠକ କୋଟଗଡ ପାର୍କ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ରାଜ୍ୟ ସଭାପତି ପ୍ରଭାତ କୁମାର ମିଶ୍ର ଯୋଗଦେଇ ଖବରଦାତାଙ୍କ ବୀମା, ଆକ୍ରୋଶ ଜନିତ ସମସ୍ୟାର ସମାଧାନ ଏବଂ ଆର୍ଥିକ ସହାୟତା ଆଦି ପ୍ରସଙ୍ଗରେ ସଂଘର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ସେହିପରି ଖବରଦାତାଙ୍କ ସୁରକ୍ଷାକ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଯତ୍ନବାନ ହେଲେ ନିର୍ଭିକତାର ସହ ଖବରଦାତାମାନେ ଖବର ସଂଗ୍ରହ ଓ ପରିବେଷଣ କରିପାରିବେ ବୋଲି ସଂଘର ଜିଲା ସଭାପତି ସୁକାନ୍ତ କୁମାର ପରିଡ଼ା କହିଛନ୍ତି। ଏହି ଅବସରରେ ସଂଘର ନୂତନ ସଦସ୍ୟ ହୋଇଥିବା ବୋଲଗଡ଼ ବ୍ଲକ ଅଞ୍ଚଳର ବହୁ ଖବରଦାତାଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏହି ବୈଠକରେ ସଂଘର ଜିଲା କୋଷାଧ୍ୟକ୍ଷ ସରୋଜ କୁମାର ମୁଦୁଲି, ଯୁଗ୍ମ ସମ୍ପାଦକ ମାନସ ପାଣିଗ୍ରାହୀ, ସହ ସମ୍ପାଦକ କାଳନ୍ଦୀ ବ୍ରହ୍ମା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସମସ୍ତ ଅତିଥିଙ୍କୁ ସ୍ୱାଗତ କରାଯାଇଥିବା ବେଳେ ଖବରଦାତା ନିରଞ୍ଜନ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଖବରଦାତା ଗଙ୍ଗାଧର ସାହୁ, ପ୍ରଫୁଲ୍ଲ ସିଂହ, ଅବଦୁଲ ଖାଲିକ ଖାଁ, ସୁଶାନ୍ତ ପ୍ରଧାନ, ନିରଞ୍ଜନ ସେଠୀ ପ୍ରମୁଖ ଖବର ସଂଗ୍ରହ ଓ ପ୍ରସାରଣ ପାଇଁ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିବା ବେଳେ ଏହାର ସମାଧାନ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିବାକୁ ରାଜ୍ୟ ସଭାପତି ମିଶ୍ର ଆହ୍ୱାନ ଦେଇଥିଲେ। ଖବରଦାତା ସତ୍ୟନାରାୟଣ ବାରିକ ଧନ୍ୟବାଦ ଦେଇଥିଲେ।

# ଫାଇନାଲରେ ବାରଙ୍ଗ

**ବୋଲଗଡ଼,୧୧।୧୦(ଦେବବ୍ରତ ହୋତା)**

**ମା'ରାମଚଣ୍ଡୀ ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ**

ବୋଲଗଡ଼ ବ୍ଲକ ବାଙ୍କୋଇ କଚେରିବର ଖେଳପଡ଼ିଆରେ ମା' ରାମଚଣ୍ଡୀ କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୪୪ତମ ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ବେଣାପଞ୍ଜରିକୁ ହରାଇ ବାରଙ୍ଗ ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧ ସୁଦ୍ଧା ବେଣାପଞ୍ଜରି ଟିମ୍ ୬ ପଏଣ୍ଟ ହାସଲ କରିଥିବା ବେଳେ ବାରଙ୍ଗ ଟିମ୍ ୬ ପଏଣ୍ଟ ପାଇଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ବେଣାପଞ୍ଜରି ଟିମ୍ ୧୫ପଏଣ୍ଟ ପାଇଥିବା ବେଳେ ବାରଙ୍ଗ ଟିମ୍ ୧୮ ପଏଣ୍ଟ ହାସଲ କରି ବିଜୟୀ ହୋଇଥିଲା। ଭାଗୀରଥି ଜେନା, ନୀଳକଣ୍ଠ ବେହେରା, ଅଜୟ କୁମାର ବଳିୟାରସିଂ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସୁରେଶ କୁମାର ସାମନ୍ତରାୟଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ଆଦିତ୍ୟ ପ୍ରେସ ଏବଂ ପିପୁଲ ଫୋରମର ଟ୍ରେଜେରିୟର ନିଶିତ୍ ରଞ୍ଜନ ନନ୍ଦ, ଅତିଥିଭାବେ କାନାଡା ବ୍ୟାଙ୍କ ମ୍ୟାନେଜର ରଞ୍ଜନ କୁମାର ପାତ୍ର, ସମାଜସେବୀ ଶିବାଜୀ ଭୋଳ, ପ୍ରଦୀପ କୁମାର ପଟ୍ଟନାୟକ, ଯୁବନେତା ବିଶ୍ୱରଞ୍ଜନ ବିଶ୍ୱାଳ, ଶିକ୍ଷକ ପ୍ରଭାତ ରାୟଗୁରୁ, ଶିକ୍ଷକନେତା ସୁମନ୍ତ ଛୋଟରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଡମସାହି ଏବଂ ପିପିଲି ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।



# ରାମେଶ୍ୱର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

**ନିରାକାରପୁର,୧୧।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)**

ରାମେଶ୍ୱର ଖେଳପଡ଼ିଆରେ ଶୁକ୍ରବାର ତୃତୀୟବାର୍ଷିକ ରାମେଶ୍ୱର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ଏସ୍‌ଏସ୍‌ବି ୱାରିୟର ରାମେଶ୍ୱର ଏବଂ ରୟାଲ ଟାଇଗର ରାମେଶ୍ୱର ଟିମ୍ ମଧ୍ୟରେ ହୋଇଥିଲା। ଏସ୍‌ଏସ୍‌ବି ୱାରିୟର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୧୦୪ରନ ସଂଗ୍ରହ କରିଥିଲା। ଜବାବରେ ରୟାଲ ଟାଇଗର ଟିମ୍ ୧୦୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ରୟାଲ ଟାଇଗର ଓ ଲାୟନ ଫୋର୍ସ ଟିମ୍ ମଧ୍ୟରେ ହୋଇଥିଲା। ରୟାଲ ଟାଇଗର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୮୭ ରନ ସଂଗ୍ରହ କରିଥିଲା। ଜବାବରେ ଲାୟନ ଫୋର୍ସ ଟିମ୍ ୧୦.୧ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅତିଥିଭାବେ ସାମାଜିକକର୍ମୀ ଚକ୍ରଧର ବାରିକ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଲୋକ ରଞ୍ଜନ ସାହୁ, ଶାନ୍ତନୁ ସ୍ୱାଇଁ, ତନ୍ମୟ ମହାପାତ୍ର ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଏସ୍‌ଏସ୍‌ବି ୱାରିୟର ଟିମ୍‌ର ହେମନ୍ତ କୁମାର ପ୍ରଧାନଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ରଘୁନାଥ ପ୍ରଧାନ, ଅଜୟ ସାହୁ, ଆଶିଷ କୁମାର ବାରିକ, କାହ୍ନୁ ଚରଣ ନାୟକ, ଗୋବର୍ଦ୍ଧନ ସେଠୀ, ବିଜୟ ଶ୍ରୀଚନ୍ଦନ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ସେମିରେ ପଳାଶପୁର, ସୁଆଙ୍ଗ

**ଝାଁଳା,୧୧।୧୦(ବୁଲା ବାରିକ)**

**୭ମ ଝାଁଳା ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ**

ଝାଁଳା ରାଧାମାଧବ ଖେଳପଡ଼ିଆରେ ଅନୁଷ୍ଠିତ ୭ମ ପଞ୍ଚାୟତସ୍ତରୀୟ କର୍କବଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ଶୁକ୍ରବାର ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ କଲ୍ୟାଣପୁରକୁ ହରାଇ ପଳାଶପୁର ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ପଳାଶପୁର ଟିମ୍ ୧୬ଓଭରରେ ୩ ଉଇକେଟ ବିନିମୟରେ ୨୫୪ରନ ସଂଗ୍ରହ କରିଥିଲା। ଜବାବରେ କଲ୍ୟାଣପୁର ଟିମ୍ ୧୬ ଓଭରରେ ୭ ଉଇକେଟ ବିନିମୟରେ ୨୩୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପଳାଶପୁର ଟିମ୍‌ର ବସନ୍ତ ସାହୁ ୧୪୩ ରନ କରିବା ସହ ୩ଟି ଉଇକେଟ ନେଇ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଚତୁର୍ଥ କ୍ୱାର୍ଟରେ ଫାଇନାଲ ମ୍ୟାଚରେ ପାତ୍ରପଡ଼ାକୁ ହରାଇ ସୁଆଙ୍ଗ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ସୁଆଙ୍ଗ ଟିମ୍ ୧୬ ଓଭରରେ ୨୪୫ ରନ ସଂଗ୍ରହ କରିଥିଲା। ଜବାବରେ ପାତ୍ରପଡ଼ା ଟିମ୍ ୧୬ ଓଭରରେ ୧୮୯ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସୁଆଙ୍ଗ ଟିମର ଜଗବନ୍ଧୁ ସାହୁ ୫୪ରନ କରିବା ସହ ୨ଟି ଉଇକେଟ ନେଇ ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ଅଭିଷେକ ପଟ୍ଟନାୟକ, ଅନିଲ ପରିଡ଼ା ଓ ଶିତିକଣ୍ଠ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

